ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୮ ସେପ୍ଟେମ୍ବର ୨୦୨୩



## ଯୌତୁକ ନିର୍ଯାତନା ଅଭିଯୋଗ

ଛେଣ୍ଡିପଦା,(ଅଜିତ ଧଳ): ଅନୁଗୋଳ ଜିଲା ଜରପଡା ଥାନା ପରା ଗ୍ରାମର ବିଦ୍ୟାଧର ନାଏକଙ୍କ ଝିଅ ତନୁଜା ନାଏକଙ୍କୁ ତାଙ୍କ ଶାଶୁ ଘର ଲୋକ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ତନୁଜାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୮୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ତନୁଜା ୨୦୧୮ରେ ସମ୍ବଲପୁରର ସନ୍ୟାସୀ କୁମାରଙ୍କ ବଡ଼ପୁଅ ଶକ୍ତି କୁମାରଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସ୍ୱାମୀ, ଶ୍ୱଶୁର, ଖୁଡି ନଣନ୍ଦ ଅଧିକ ଯୌତୁକ ଦାବି କରି ମାରପିଟ୍ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସଂକ୍ଷେପରେ

### ପ୍ରଶାନ୍ତ କୁମାର ଅନୁଗୋଳ ପୌର ନିର୍ବାହୀ ଅଧିକାରୀ

ଅନୁଗୋଳ, ୭।୯ (ଅମିତ କୁମାର ସାମଲ)

ଅନୁଗୋଳ ପୌର ନିର୍ବାହୀ ଅଧିକାରୀ (ଇଓ)ଭାବେ ପ୍ରଶାନ୍ତ କୁମାର ନାୟକ ଯୋଗଦେବେ। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ. ୧୭୭୦୮/୭।୯।୨୦୨୩ରେ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଶାନ୍ତ କୁମାର କଟକ ଜିଲାପରିଷଦରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଗିରିଜା ଶଙ୍କର ମଲ୍ଲିକଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ବଦଳି ହୋଇଥିଲା। ତେବେ ଗୁରୁବାର ପ୍ରକାଶ ପାଇଥିବା ବଦଳି ନିର୍ଦ୍ଦେଶନାମାରେ ଗିରିଜା ଶଙ୍କରଙ୍କୁ କଣ୍ଟାବାଞ୍ଜି ଏନଏସିକୁ ବଦଳି କରାଯାଇଥିବା ଜଣାପଡ଼ିଛି।

### ଓଜନ ମାପ ଯନ୍ତ୍ର ଚୋରି

ଛେଣ୍ଡିପଦା,୭।୯(ଅଜିତ ଧଳ)

ଛେଣ୍ଡିପଦା ଥାନା ଫୁଲଝରି ଛକରେ ଥିବା ଏକ ଦୋକାନରୁ ବୁଧବାର ରାତିରେ ଓଜନ ମାପ ଯନ୍ତ୍ର ଚୋରି ହୋଇଛି। ଦୋକାନ ମାଲିକ ଭବାନୀ ଶଙ୍କର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୭୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅନୁଗୋଳ ପୌରପାଳିକା ପୁରସ୍କୃତ



ଅନୁଗୋଳ ପୌରପାଳିକାକୁ ପୁରସ୍କାର ପ୍ରଦାନ କରାଯାଉଛି।

ଅନୁଗୋଳ, ୭।୯ (ଅମିତ କୁମାର ସାମଲ)

**ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଦେଶରେ ତୃତୀୟ ସ୍ଥାନ**

କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ପକ୍ଷରୁ କରାଯାଇଥିବା ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଭୋପାଳସ୍ଥିତ କୁଶବାହୁ ଠାକ୍ରେ ହଲ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନୁଗୋଳ ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ମଧୁସ୍ମିତା ବିଶି ଏହି ପୁରସ୍କାର ଗ୍ରହଣ କରିଥିଲେ। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପିନ୍ଦର ଯାଦବଙ୍କ ସହ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅନୁଗୋଳ ପୌରପାଳିକାକୁ ଏହି ପୁରସ୍କାର ପ୍ରଦାଦ କରିଥିଲେ। ମାନପତ୍ର ସହ ୧୨ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲ।

ପ୍ରକାଶ ଯେ, ୨୦୨୩-୨୪ ଆର୍ଥିକ ବର୍ଷରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପାଇଁ ଗତ ଏକ ବର୍ଷ ଧରି ରାଜ୍ୟର କଟକ, ଭୁବନେଶର, ବାଲେଶ୍ୱର, ରାଉରକେଲା, କଳିଙ୍ଗନଗର, ତାଳଚେର ଓ ଅନୁଗୋଳରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ତେବେ ଦେଶର ୧୩୧ଟି ସହର ଓ ରାଜ୍ୟର ୭ଟି ସହରକୁ ପଛରେ ପକାଇ ଅନୁଗୋଳ ପୌରପାଳିକା ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ଅନୁଗୋଳ ପୌରପାଳିକା ୨୦୦ ନମ୍ବରରୁ ୧୮୭.୫ ନମ୍ବର ରଖିଥିବା ଜଣାପଡ଼ିଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ସହ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ପୁରସ୍କାର ପାଇଁ ଅନୁଗୋଳ ପହରପାଳିକାକୁ ମନୋନୀତ କରାଯାଇଥିଲା।

# ୨ ଲକ୍ଷ ଲୁଟିନେଲେ ସାଇବର ଠକ

ଅନୁଗୋଳ,୭।୯(ଅମିତ ସାମଲ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଧୀନ ଏକ ଶିଳ୍ପସଂସ୍ଥା କ୍ୱାର୍ଟର୍ସରେ ରହୁଥିବା ଡେରା ଅଞ୍ଚଳର ଅଭିଶେକ ଦାସ ୨ ଲକ୍ଷ ୧୩ ହଜାର ୫୩୦ ଟଙ୍କା ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୧/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଗତ ୪ ତାରିଖରେ ଅଭିଷେକଙ୍କୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ବିଭିନ୍ନ ସଂସ୍ଥାରେ ଅର୍ଥ ଲଗାଇଲେ ୨ ଗୁଣ ଅର୍ଥ ତୁରନ୍ତ ମିଳିବ ବୋଲି ଠକ ଜଣକ କହିଥିଲା। ଲୋଭର ବଶବର୍ତ୍ତୀ ହୋଇ ଅଭିଷେକ ପ୍ରଥମେ ସ୍ୱଳ୍ପ ପରିମାଣର ଅର୍ଥ ଲଗାଇ ଅଧିକ ଅର୍ଥ ପାଇଥିଲେ। ଏହାପରେ ସାଇବର ଠକ ଜଣଙ୍କ ତାଙ୍କୁ ଅଧିକ ଅର୍ଥ ଲଗାଇବାକୁ କହିଥିଲେ। ଠକଙ୍କ କଥାରେ ପଡ଼ି ଅଭିଶେକ ମୋଟା ଅଙ୍କର ଅର୍ଥ ଲଗାଇଥିଲେ ମଧ୍ୟ ଆଉ ଫେରି ପାଇ ନ ଥିଲେ। ଶେଷରେ ସେ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ଥାନାଧିକାରୀ ବିଭୂତି ପ୍ରଧାନ ସୂଚନା ଦେଇଛନ୍ତି।

# ୨ ଜଣଙ୍କୁ ବାନ୍ଧିଲା ବନ ବିଭାଗ

ଅନୁଗୋଳ, ୭।୯ (ଅମିତ କୁମାର ସାମଲ)

**ବିଦ୍ୟୁତ୍ ଫାଶରେ ପଡ଼ି ୨ ହାତୀ ମୃତ୍ୟୁ ଘଟଣା**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପଞ୍ଚାସର ରେଞ୍ଜ ଟାଇସି ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ଲାଗି ୨ ହାତୀଙ୍କ ଜୀବନ ଯାଇଥିଲା। ଏହି ଘଟଣାର ତଦନ୍ତ କରୁଥିବା ବନ ବିଭାଗ ୨ଜଣଙ୍କୁ ଗିରଫ କରିଛି। ଆହୁରୀ ୮ ଜଣ ଫେରାର ଥବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ତରଭା ଗ୍ରାମର ଅନିଲ ଭୋଇ(୨୭) ଓ ବୃନ୍ଧିଆ ଭୋଇ (୪୪)। ଏମାନେ ଜନ୍ତୁ ଶିକାର କରିବାକୁ ଗତ ୧ ତାରିଖରେ ବିଦ୍ୟୁତ୍ ତାର ବିଛାଇବା ସମ୍ପର୍କରେ ସ୍ୱୀକାର କରିଥିବା ଡିଏଫ୍ଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହାତୀ ମୃତ୍ୟୁ ଘଟଣାରେ ବିଭାଗୀୟ ଅବହେଳା ନେଇ ଏସିଏଫ ଦିବ୍ୟସିଂହ ମାଝି ତଦନ୍ତ କରୁଛନ୍ତି।

ପ୍ରକାଶ ଯେ, ଗତ ୫ ତାରିଖରେ ଟାଇଁଶି ଜଙ୍ଗଲରୁ ଏକ ୧୫ ବର୍ଷୀୟ ଦନ୍ତା ହାତୀ ସହ ୫ ବର୍ଷୀୟ ମାଈ ହାତୀର ଗଳିତ ମୃତଦେହ ଜବତ ହୋଇଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀ ୨ଟିର ମୃତ୍ୟୁ ହୋଇଥିବା ପୂର୍ବରୁ ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଥିଲା। ତେବେ ତଦନ୍ତ ପରେ ଶିକାର ଉଦ୍ଦେଶ୍ୟରେ ତାର ବିଛାଯାଇଥିବା ସ୍ପଷ୍ଟ ହୋଇଛି ବୋଲି ସାତକୋଶିଆ ଡିଏଫଓ ପଣ୍ଡା ଗୁରୁବାର କହିଛନ୍ତି। ତଦନ୍ତ ସମୟରେ ଅଭିଯୁକ୍ତ ଅନିଲ ଓ ବୃନ୍ଧିଆ ବିଭାଗୀୟ ଅଧିକାରୀଙ୍କୁ ଦେଖିବା ପରେ ଦୌଡ଼ିବାକୁ ଲାଗିଥିଲେ। ତେଣୁ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ସେମାନଙ୍କୁ ଉଠାଇ ଆଣି ପଚରା ଉଚରା କରାଯିବାରୁ ଜନ୍ତୁ ଶିକାର ପାଇଁ ତାର ବିଛାଇଥିବା ସେମାନେ ବିଭାଗକୁ କହିଥିଲେ। ଉକ୍ତ ବିଦ୍ୟୁତ୍ ଫାଶରେ ପଡ଼ି ୨ ହାତୀ ମରିଯିବା ପରେ ଶିକାରୀମାନେ ଦାନ୍ତ କାଟି ନେବାକୁ ଉଦ୍ୟମ କରିଥିଲେ। ହେଲେ ସେଥିରେ ବିଫଳ ହୋଇଥିଲେ। ପରେ ସ୍ଥାନୀୟ ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିବା ଡିଏଫ୍ଓ କହିଛନ୍ତି।

# କଙ୍କିଲିରୁ ଆରମ୍ଭ ହେଲା ଅମୃତ କଳସ ଯାତ୍ରା

ତାଳଚେର,୭।୯(ମନୋଜ ନନ୍ଦ)

କେନ୍ଦ୍ର ସରକାରଙ୍କ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ତାଳଚେର ବ୍ଲକ କଙ୍କିଲି ଗ୍ରାମର ସଇନାଳୀଠାରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମାଗତା ପ୍ରଧାନଙ୍କ ଘରୁ ଅମୃତ କଳସରେ ମାଟି ସଂଗ୍ରହ କରାଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ପୁତ୍ର ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନଙ୍କୁ ସମ୍ମାନିତ କରାଯାଇ ଅମୃତ କଳସ ଯାତ୍ରା ଆରମ୍ଭ କରାଯାଇଥିଲା। ଏନ୍ଏସ୍ଆଇସିର ଡାଇରେକ୍ଟର କାଳନ୍ଦୀ ସାମଲ ଏବଂ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଂଗ୍ରାମୀଙ୍କ ପରିବାର ସଦସ୍ୟ ଶିଖର ଚନ୍ଦ୍ର ପ୍ରଧାନ ଓ ରଙ୍ଗାଧର ପ୍ରଧାନ ଅମୃତ କଳସକୁ ମୁଣ୍ଡରେ ଧରି ଗ୍ରାମର ମାଗତାଙ୍କ ଘର ସମେତ ନୁହୁରା ପ୍ରଧାନ, ଘାସିଆ ପ୍ରଧାନ, ଘନ ସାହୁ, ଭିକାରୀ ସାହୁ, ଯଦୁ ପ୍ରଧାନ, ହଗୁରୁ ପ୍ରଧାନ, ରଘୁନାଥ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ବାଉରୀ ପ୍ରଧାନ, ହାଡ଼ିଆ ଦେହୁରୀ, ସହର ସାହୁ ଓ ମହରଗା ଦେହୁରୀଙ୍କ ଘରୁ ମାଟି ସଂଗ୍ରହ କରିଥିଲେ। ଏଥିସହ ସମ୍ପୃକ୍ତ ସଂଗ୍ରାମୀମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଂଘ, ଯୁବକ ସଂଘ, ବିଭିନ୍ନ ଅନୁଷ୍ଠାନ ଏଥିରେ ସାମିଲ ହୋଇଥିଲେ। ନରେଶ ଚନ୍ଦ୍ର ବେହେରା, ପ୍ରକାଶ ମହାରଣା, ରତ୍ନାକର ସାହୁ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ପ୍ରଶାନ୍ତ ନନ୍ଦ, ନିରଞ୍ଜନ ପ୍ରଧାନ, ବିଭୂତି ସାହୁ, ବରୁଣ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ। କଙ୍କିଲିର ପ୍ରାକ୍ତନ ସରପଞ୍ଚ ସୁଶାନ୍ତ ପ୍ରଧାନ, ଖଇରା ପ୍ରଧାନ, କସ୍ତୁ ମହାନ୍ତି, ପାଣ୍ଡବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ



ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ସହିତ ସହାୟତା ରାଶି ବଣ୍ଟନ କରାଯାଉଛି।

ତାଳଚେର,୭।୯(ମନୋଜ ନନ୍ଦ)

ତାଳଚେର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସାଉଥ ବାଲଣ୍ଡାସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ସହିତ ସହାୟତା ରାଶି ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍ପି ମହେଶ ସାହୁ ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଳଚେର ଜିଲା ଶ୍ରମ ଅଧିକାରୀ ପରିମିତା ମିଶ୍ର ଶିବିରରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ଡେପୁଟି କଲେକ୍ଟର ଏବଂ ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଉପସ୍ଥିତ ରହି ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କାର୍ଡ ଏବଂ ସହାୟତା ରାଶି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ବାବଦରେ ୯୪ ଲକ୍ଷ ୮୧ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ୯୧୫ ଜଣଙ୍କୁ ନିର୍ମାଣ ଶ୍ରମିକ ପଞ୍ଜୀକୃତ କାର୍ଡ ପ୍ରଦାନ କରାଯାଇଥିଲା। ତାଳଚେର ଜିଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଶରୀର ପାଇଁ ଲାଭଦାୟକ ମାଣ୍ଡିଆ

ଭୁବନ,୭।୯(ବିପିନ ବିହାରୀ ସେଠୀ)

ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶରୀର ପାଇଁ ମାଣ୍ଡିଆର ଉପକାରିତା ଉପରେ ଏଥିରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିତ୍ୟ ସାମଲ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ଯୋଗଦେଇ ଶରୀର ପାଇଁ ମାଣ୍ଡିଆ ଲାଭଦାୟକ ବୋଲି କହିଥିଲେ। ଏଥିରେ ବ୍ଲକର ୨୯ଟି ଉଚ୍ଚ ବିଦ୍ୟାଳୟ ଓ ୨୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ବିଚାରକ ଭାବେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା, ସହକାରୀ ବିଜ୍ଞାନ ଶିକ୍ଷକ ବାବୁ ରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଖଗେଶ୍ୱର ବେହେରା ଏହାର ପରିଚାଳନା କରିଥିଲେ। କପୂର୍ଣ୍ଣଚନ୍ଦ୍ର ଆଏଚ, ଅକ୍ଷୟ ଶତପଥୀ, ଦୀପକ ବେହେରା, ସୁକାନ୍ତ ସାହୁ ଓ ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ପାଲ ପ୍ରମୁଖ ସହଯୋଗ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନେ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ୫ କିମିକୁ ଲାଗୁଛି ଅଧଘଣ୍ଟା

■ଜାତୀୟ ରାଜପଥ ଅବସ୍ଥା ଶୋଚନୀୟ
■ମନ୍ଥର ଗତିରେ ଚାଲିଛି ଫ୍ଲାଏ ଓଭର କାର୍ଯ୍ୟ



୫୫ନଂ. ଜାତୀୟ ରାଜପଥ।

ବଇଣ୍ଡା,୭।୯(ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ବ୍ଲକ ଜାମୁନାଳୀଠାରୁ ବଇଣ୍ଡା ୫ କି.ମି. ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତାର ଅବସ୍ଥା ଏମିତି ହୋଇଛି ଯେ ଉକ୍ତ ୫ କି.ମି. ଅତିକ୍ରମ କରିବା ପାଇଁ ୩୦ ମିନିଟ୍ ସମୟ ଲାଗୁଛି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ଆନ୍ଦୋଳନ କରିବା ପାଇଁ ବଇଣ୍ଡା ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ବଇଣ୍ଡା ଗ୍ରାମବାସୀ ଏକ ଅଭିଯୋଗପତ୍ର ଅନୁଗୋଳ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଅଞ୍ଚଳବାସୀ କହିଛନ୍ତି, ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଠିକାସଂସ୍ଥା ପକ୍ଷରୁ ୨୦୧୮ରୁ ବଇଣ୍ଡା ଅଞ୍ଚଳରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ରାସ୍ତା କାମ ଆଜି ଯାଏ ଶେଷ ହୋଇନାହିଁ। ବଇଣ୍ଡା ଓ ଲେଭଲ କ୍ରସିଂ ନିକଟରେ ୨ଟି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ଜାମୁନାଳିଠାରୁ ବଇଣ୍ଡା ପର୍ଯ୍ୟନ୍ତ ୫ କି.ମି. ରାସ୍ତାରେ ଯାତାୟାତ ସମ୍ଭବ ହୋଇପାରୁନାହିଁ। ଅନେକ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଗାଡ଼ି ଯାତାୟାତ କରୁଥିବାବେଳେ ମରାମତି କରାଯାଉ ନାହିଁ। ରାସ୍ତା କାମ ନେଇଥିବା ଠିକାସଂସ୍ଥା କେଉଁଠି କାଁ ଭାଁ ମେଣ୍ଟାଲ ପକାଇ ସମତଳ କରୁଥିଲେ ମଧ୍ୟ ପିଚୁ କରୁ ନ ଥିବା ଯୋଗୁ ୨ ଦିନ ମଧ୍ୟରେ ମେଣ୍ଟାଲ ଉଠିଯାଉଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରି ପିଚୁ କରିବା ପାଇଁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ବଇଣ୍ଡାଠାରେ ରାଜପଥ ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଠିକାସଂସ୍ଥା ପରିଚାଳକ ଜେ. ବେହେରାଙ୍କୁ ପଚାରିବାରୁ ମରାମତି କରାଯିବ କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ମୃତ ନାବାଳକଙ୍କ ପରିବାରକୁ ସହାୟତା

ବଇଣ୍ଡା,୭।୯(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ କଳାମାଟି ଗ୍ରାମର ନାବାଳକ ସ୍ୱରାଜ ରାଉତ ପାଣି ବୁଡି ପ୍ରାଣ ହରାଇଥିଲେ। ବୁଧବାର ଆଠମଲ୍ଲିକର ସାମାଜିକ କର୍ମୀ ଅର୍ଜୁନ ସାହୁ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ସରପଞ୍ଚ ସୁଭାଶିନୀ ସେଠୀ, ଯୋଗେନ୍ଦ୍ର ନାୟକ, ବିଜୁ ପ୍ରଧାନ, ପ୍ରକାଶ ସେଠୀ ଉପସ୍ଥିତ ଥିଲେ।



ମୃତ ନାବାଳକଙ୍କ ପରିବାର ଲୋକଙ୍କ ସହ ସାମାଜିକ କର୍ମୀ ଆଲୋଚନା କରୁଛନ୍ତି।

# ବାଇସିଙ୍ଗା-ଶଶାପଶି ରାସ୍ତାକୁ ଅନୁମୋଦନ

କାମାକ୍ଷାନଗର,୭।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଇସିଙ୍ଗାଠାରୁ କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ ଶଶାପଶି ପର୍ଯ୍ୟନ୍ତ ୨୭ କି.ମି. ରାସ୍ତାକୁ ପୂର୍ତ୍ତବିଭାଗ ଅନୁମୋଦନ କରିଛି। ଏ ନେଇ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଅନୁଯାୟୀ, କରଗୋଳା ଶଶାପଶିଠାରୁ ତାରିଣୀପଶି ପର୍ଯ୍ୟନ୍ତ ୭ କି.ମି. ରାମିଆଳ ବାମପାର୍ଶ୍ୱ କେନାଲ ସର୍ଭିସ ରୋଡ଼, ତାରିଣୀପଶିଠାରୁ ବାଲିକୁମା ପର୍ଯ୍ୟନ୍ତ ୨ କି.ମି. ପଞ୍ଚାୟତ ରୋଡ ଏବଂ ବାଲିକୁମାଠାରୁ ବାଇସିଙ୍ଗା ପର୍ଯ୍ୟନ୍ତ ୧୮ କି.ମି. ଆର୍.ଡି. ରୋଡକୁ ମିଶାଇ ସମୁଦାୟ ୨୭ କି.ମି. ରାସ୍ତାକୁ ଗତ ଅଗଷ୍ଟ ୩୦ରେ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କ ସହିତ ପରିଦର୍ଶନ କରିଥିଲେ। ସପ୍ତାହକ ମଧ୍ୟରେ ମନ୍ତ୍ରୀ ଏହାକୁ ଅନୁମୋଦନ କରିଛନ୍ତି। ଖୁବଶୀଘ୍ର ଏହି ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରାଯିବ। ରାସ୍ତା ସମ୍ପ୍ରସାରଣ ହେଲେ ଏନ୍ଏଚ୍ ୫୩ ବାଇସିଙ୍ଗାଠାରୁ ପର୍ଯ୍ୟଟନସ୍ଥଳୀ ଦଣ୍ଡାଧରକୁ ସିଧାସଳଖ ଯାତାୟାତ କରିହେବ। ସେହିପରି କାମାକ୍ଷାନଗର ବ୍ଲକର ବାଇସିଙ୍ଗା ପଞ୍ଚାୟତ ଏବଂ କଙ୍କଡ଼ାହାଡ଼ ବ୍ଲକର କରଗୋଳା, ବଳିକୁମା ଓ ମକୁଆକାଟେଣୀ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ପ୍ରକଳ୍ପକୁ ତୁରନ୍ତ ଅନୁମୋଦନ କରାଯାଇଥିବାରୁ ଶ୍ରମିକ ନେତା ବାସୁଦେବ ସାହୁ, ଆଦିବାସୀ ନେତା ପୂର୍ଣ୍ଣଚନ୍ଦ୍ର ଟୁଡୁ, ହରିହର ସୋରେନ, ଚୈତନ୍ୟ ହାଁସଦ, ରବି ହେମ୍ବ୍ରମ, ଲେମ୍ବ ହେମ୍ବ୍ରମ, ସନ୍ତୋଷ ସାହୁ, ଦେବରାଜ ସାହୁ, ଧ୍ରୁବଚରଣ ବେହେରା ପ୍ରମୁଖ ମନ୍ତ୍ରୀ ମଲ୍ଲିକଙ୍କୁ କୃତଜ୍ଞତା ଜଣାଇଛନ୍ତି।



ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଉଛନ୍ତି।

# ଟ୍ରେଲର ଧକ୍କାରେ ଛାତ୍ରୀ ମୃତ, ଉତ୍ତେଜନା

ବଅଁରପାଳ,୭।୯(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ହାଟ ଛକସ୍ଥିତ ୫୫ ନଂ. ଜାତୀୟ ରାଜପଥରେ ଗୁରୁବାର ଏକ ଟ୍ରେଲର ଧକ୍କାରେ ଷଷ୍ଠ ଶ୍ରେଣୀ ଛାତ୍ରୀ ବନ୍ଦା ଗ୍ରାମର ପୂଜା ସାହୁ(୧୧)ଙ୍କ ମୃତ୍ୟୁ ହୋଇଛି। ପୂଜା ସ୍କୁଲରୁ ସାଇକେଲରେ ଫେରୁଥିବାବେଳେ ହାଟ ଛକ ନିକଟରେ ବଅଁରପାଳରୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଭାରିଯାନ ପ୍ରବେଶ ନିଷେଧ ଦାବିରେ ବନ୍ଦା ଏବଂ ଗୋଡୋମରା ଗ୍ରାମବାସୀ ଆନ୍ଦୋଳନ କରିଥିଲେ। ଫଳରେ ୩ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବଅଁରପାଳ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ଏ ନେଇ ଥାନାରେ ନଂ. ୩୩୭/୨୩ରେ ଏକ ମାମଲା ରୁଜୁ ହୋଇଛି। ସକାଳ ୭ ଟାରୁ ଦିନ ୧୦ ଟା ଓ ଅପରାହ୍ନ ୪ଟାରୁ ରାତି୯ ଟା ପର୍ଯ୍ୟନ୍ତ ଭାରିଯାନ ନିଷେଧ, ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ସାମାଜିକ କର୍ମୀ ବିପ୍ଳବ ଜେନା ଦାବି କରିଛନ୍ତି। ଏହି ଆନ୍ଦୋଳନରେ ରାକେଶ ସାହୁ, ଦିଲୀପ ସାହୁ, ଜଗନ୍ନାଥ ବେହେରା ଉପସ୍ଥିତ ଥିଲେ। ଖବର ଲେଖା ହେବା ବେଳକୁ ଆନ୍ଦୋଳନ ଚାଲିଥିବା ଜଣାପଡ଼ିଛି।



ଆନ୍ଦୋଳନକାରୀଙ୍କ ସହ ପୋଲିସ ଆଲୋଚନା କରୁଛି।

# 'ପ୍ରେରଣା ଦେଇଛି ଭାରତ ଯୋଡ଼ୋ ଯାତ୍ରା'

ଅନୁଗୋଳ, ୭।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରାର ଏକ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ରଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ କଂଗ୍ରେସ ଭବନଠାରୁ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଉଦ୍ୟାନଠାରେ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରା ଦୁର୍ନୀତି, ଭ୍ରଷ୍ଟାଚାର, ହିଂସା ଓ ଘୃଣା ବିରୋଧରେ ସଂଗ୍ରାମ କରିବାକୁ ପ୍ରେରଣା ଦେଇଛି ବୋଲି ଜିଲା ସଭାପତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ପ୍ରକାଶ ମିଶ୍ର ଯୋଗଦେଇ ଏହି ଯାତ୍ରା ମୋଦି ସରକାରଙ୍କ କୁଶାସନ ବିରୋଧରେ ଭାରତୀୟଙ୍କ ମନରେ ବିପ୍ଳବର ବହ୍ନି ସଂଯୋଗ କରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ, ପିସିସି ସମ୍ପାଦକ ଟିକନ ବେହେରା, ନୀଳକମଲ ସେଠୀ, ପିସିସି ସଭ୍ୟ ଜୟନ୍ତ ସାହୁ, ଦୁଷ୍ମନ୍ତ ଦଳବେହେରା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ତ ରଞ୍ଜନ ନାଏକ, ଓବିସି ସେଲ୍ ଅଧ୍ୟକ୍ଷ ପ୍ରବୋଧ ସ୍ୱାଇଁ, ମିଡିଆ ସେଲ୍‌ର ଗୋପାଳ ନାଥ, କୃଷକ ସେଲ୍ ଅଧ୍ୟକ୍ଷ ଦାଶରଥି ସାହୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଜିଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ କସିଦା ଖାନ, ବଳବୀର ସିଂହ, ସହଦେବ ବେହେରା, ଦିଗାମ୍ବର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଅନୁଗୋଳ କଂଗ୍ରେସ ଭବନରୁ ବାହାରିଥିବା ଶୋଭାଯାତ୍ରା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹):48,85,826.25, EMD(₹):97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ୍
PR-554/O/23-24

**OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM**
**QUOTATION CALL NOTICE (Addendum)**
**No.1538/ CM Dated 05.09.2023**

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.
1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.
Sd/- Principal, Chikiti Mahavidyalaya, Chikiti, Ganjam

## ସଂକ୍ଷେପରେ

### ସରକାରଙ୍କୁ ସମସ୍ୟା ଜଣାଇବାକୁ ନିଷ୍ପତ୍ତି

ଢେଙ୍କାନାଳ,୭।୯(ରତନ ନାୟାର)

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଫୋରମ ଓଡ଼ିଶା ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ଏକ ବୈଠକ ଗତ ୫ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହରିହର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ରାଜ୍ୟ ପ୍ରବକ୍ତା ମୁରଲୀଧର ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁ ଦିବସ ହେଉଛି ପ୍ରତ୍ୟେକ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସ୍ମୃତି ଦିବସ। ଏହି ଦିବସରେ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନିତ ହୋଇଥିବାରୁ ଏହାକୁ ସ୍ମାରକୀ ଦିବସ ରୂପେ ପାଳନ କରାଯାଉଛି ବୋଲି ଫୋରମ ସଭାପତି ସାହୁ ପ୍ରକାଶ କରିଥିଲେ। ଉପସଭାପତି ଓମ୍ ପ୍ରକାଶ ମିଶ୍ର, କୁର୍ଶିଦା ବେଗମ, ସମ୍ପାଦକ ମନୋଜମଞ୍ଜରୀ ଲେଙ୍କା, କେନ୍ଦ୍ରୀୟ ପ୍ରତିନିଧି ଅନସୂୟା ମିଶ୍ର, ଦୁର୍ଗାପ୍ରସାଦ ମହାରଣା, ସ୍ୱତନ୍ତ୍ର ପରାମର୍ଶଦାତା ସ୍ୱର୍ଣ୍ଣଲତା ତ୍ରିପାଠୀ ଏବଂ ସଦସ୍ୟ ମହେନ୍ଦ୍ର କୁମାର ପଟେଲ, ଡ. ଗଙ୍ଗୋତ୍ରୀଦେବୀ, ନବକିଶୋର ମଲ୍ଲିକ, ବିରାଜିନୀ ମହାପାତ୍ର, ବଳରାମ ସାହୁ, ସଞ୍ଜୁଲତା ମିଶ୍ର, କବିତା ଦେବୀ, ଆଇ. ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ନିକଟରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମସ୍ୟା ଖୁବ୍‌ଶୀଘ୍ର ଜଣାଇବା ସହିତ ଫୁଲନଖରାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଣଦେଖା ଅଭିଯୋଗ

### ସରପଞ୍ଚ କଲ୍ୟାଣ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଢେଙ୍କାନାଳ,୭।୯(ରତନ ନାୟାର)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମ ପଞ୍ଚାୟତକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ପଞ୍ଚାୟତଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏପରି କି ମହିଳାମାନଙ୍କୁ ୩୦ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା ସେଥିରୁ ଅନ୍ୟତମ। ପରେ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। କରୋନା ମହାମାରୀ ମୁକାବିଲା ପାଇଁ ସରପଞ୍ଚମାନଙ୍କ ଉପରେ ଆସ୍ଥାରଖି ସରକାର ସେମାନଙ୍କୁ ଜିଲାପାଳ କ୍ଷମତା ଅର୍ପଣ କରି ଇତିହାସ ସୃଷ୍ଟି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରଶାସନିକ ଚିଠି ବଳରେ ପଞ୍ଚାୟତର ସମସ୍ତ କ୍ଷମତା ଅପସାରଣ କରାଯାଇ ପଞ୍ଚାୟତ ସମିତି ହାତରେ ସମର୍ପି ଦିଆଯାଇଥିବା ନିଖିଳ ଉତ୍କଳ ସରପଞ୍ଚ କଲ୍ୟାଣ ପରିଷଦ ଢେଙ୍କାନାଳ ଶାଖା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ପରିଷଦ ପକ୍ଷରୁ ସହରସ୍ଥିତ ଗୋପବନ୍ଧୁ ଟାଉନହଲ ଠାରେ ଏକ ବୈଠକ କରାଯାଇଥିଲା।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଜିଲା କାର୍ଯ୍ୟାଳୟ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବି ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ୧୧ଟି ସରକାରୀ ବିଭାଗର ୨୯ ବିଷୟକୁ ପଞ୍ଚାୟତକୁ ହସ୍ତାନ୍ତର ବ୍ୟବସ୍ଥା ଥିଲେ ମଧ୍ୟ ଏହା କାଗଜପତ୍ରରେ ସୀମିତ ରହିଛି। ଗ୍ରାମାଞ୍ଚଳରେ ହେବାକୁ ଥିବା ଉନ୍ନତିମୂଳକ କାର୍ଯ୍ୟ ତଥା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା, ଆବାସ ହିତାଧିକାରୀ ଚୟନ ଗ୍ରାମସଭା ମାଧ୍ୟମରେ ହେବା କଥା। କିନ୍ତୁ ତାହା ଉଚ୍ଛେଦ ହୋଇ ପ୍ରଶାସନିକ ସ୍ତରରେ ହିତାଧିକାରୀ ଚୟନ ପରେ ଗ୍ରାମସଭାରେ ପାରିତ କରିବା ପାଇଁ ବାଧ୍ୟ କରାଯାଉଛି। ସରପଞ୍ଚଙ୍କ ବିରୋଧରେ ୱାର୍ଡମେମ୍ବରଙ୍କ ଦ୍ୱାରା ଅନାସ୍ଥା ପ୍ରସ୍ତାବ ଆଗତ ହେବା ଯୋଗୁ ଗଣତନ୍ତ୍ର ବ୍ୟବସ୍ଥା କ୍ଷୁଣ୍ଣ ହେଉଛି। ତୁରନ୍ତ ଏହାକୁ ଉଚ୍ଛେଦ କରାଯାଉ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଚିଠି ସଂଖ୍ୟା–୪୩୧୪, ତା. ୧୭।୨।୨୦୨୦ ବଳରେ ପଞ୍ଚାୟତର ଟଙ୍କା ଉଠାଣରେ ବିଡିଓମାନଙ୍କ କାଉଣ୍ଟର ସାଇନ୍ ବ୍ୟବସ୍ଥା କରାଯାଇଛି। ଏହା ଅସମ୍ବିଧାନିକ ହୋଇଥିବାରୁ ଶୀଘ୍ର ଉଚ୍ଛେଦ କରାଯାଉ। ବିଦ୍ୟୁତ୍ ଶୁଳ୍କ ଓ ପାନୀୟଜଳ ପ୍ରକଳ୍ପ କର୍ମଚାରୀଙ୍କ ଦରମା ପଞ୍ଚାୟତକୁ ବହନ କରିବାକୁ ପଡୁଥିବାରୁ ସରକାରଙ୍କ ପକ୍ଷରୁ ମିଳୁଥିବା କେନ୍ଦ୍ର ଅର୍ଥ କମିଶନ ଓ ରାଜ୍ୟ ଅର୍ଥ କମିଶନ ପାଣ୍ଠି ନିଅଣ୍ଟ ହେଉଛି। ଏହାର ସମାଧାନ କରାଯାଉ। ସରପଞ୍ଚମାନଙ୍କ ପାରିଶ୍ରମିକ ୫୦ ହଜାର ଓ ୱାର୍ଡମେମ୍ବରଙ୍କୁ ୧୦ ହଜାର ଟଙ୍କା ଦିଆଯାଉ। କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହେଲେ ପରିବାରକୁ ୨୦ଲକ୍ଷ ଟଙ୍କା ଦିଆଯାଉ। ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଉ। ସରପଞ୍ଚମାନଙ୍କୁ ଅବସରକାଳୀ ଅନ୍ୟୂନ ୨୦ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଉ। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ହାତପାଣ୍ଠି ବାବଦକୁ ୧୦ ଲକ୍ଷ ଟଙ୍କା ଓ ୫ଟି ଗୃହ ପ୍ରଦାନର କ୍ଷମତା ଦିଆଯାଉ। ପ୍ରାଥମିକ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣାବେକ୍ଷଣ କାମ ପଞ୍ଚାୟତକୁ ଦିଆଯାଇଛି। କିନ୍ତୁ ସରକାରୀ ସ୍ତରରେ କୌଣସି ପାଣ୍ଠି ପ୍ରଦାନ କରାଯାଉ ନ ଥିବାରୁ ସେଗୁଡିକ ଅବହେଳିତ ହୋଇଛି। ମୁଖ୍ୟମନ୍ତ୍ରୀ ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଞ୍ଚାୟତ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ସହିତ ଲୋକମାନେ କିପରି ମୌଳିକ ସୁବିଧା ହାତ ପାଆନ୍ତରେ ପାଇପାରିବେ ସେଥିପାଇଁ ଦାବି କରାଯାଇଛି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ଯୋଜନା ଓ ପ୍ରକଳ୍ପ ଚୟନ କରିବା ପାଇଁ ନିଖିଳ ଓଡିଶା ରାଜ୍ୟ ସରପଞ୍ଚ ପରିଷଦ ଶାଖା ସଭାପତି ଅମିତଜ୍ୟୋତି ସ୍ୱାଇଁ, ସମ୍ପାଦକ ଜିତେନ୍ଦ୍ର କୁମାର ବେହେରା, ଉପସଭାପତି ବିଜେନ୍ଦର କୁମାର ସାହୁ ଓ ଧରିତ୍ରୀ ମଲ୍ଲିକ, ଉପଦେଷ୍ଟା ଶିଶିରକାନ୍ତ ବେହେରା ପ୍ରମଖ ଦାବି କରିଛନ୍ତି ।

## ଟଙ୍କଧର ସମ୍ପାଦକ, ଦୀପକ ସଭାପତି

### ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ନୂତନ କର୍ମକର୍ତ୍ତା

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ନୂଆପୋଖରୀ ନିକଟ ନୂତନ ଇନ୍‌ଡୋର୍ ହଲ୍‌ଠାରେ ଜିଲା ବ୍ୟାଡ୍‌ମିଣ୍ଟନ ସଂଘର ଏକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଘର ବାଇ–ଲ ଅନୁଯାୟୀ କର୍ମକର୍ତ୍ତା ନିର୍ବାଚନ ବଦଳରେ ଚୟନ କରାଯିବା ପାଇଁ ମତପ୍ରକାଶ ପାଇଥିଲା। ତେଣୁ ସଭାପତି ଭାବେ ଦୀପକ କୁମାର ଦଳେଇ, କାର୍ଯ୍ୟକାରୀ ସଭାପତି ଭାବେ ଅମିତ ରଞ୍ଜନ ଶତପଥୀ, ଉପସଭାପତି ଭାବେ ସତ୍ୟ ରଞ୍ଜନ କର, ସମ୍ପାଦକ ଟଙ୍କଧର ବେହେରା, ସହସମ୍ପାଦକ ପ୍ରଦୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ରଶ୍ମି ପ୍ରକାଶ ପଟ୍ଟନାୟକ, ସହକୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ସିଂହଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ଉପଦେଷ୍ଟା ଭାବେ ଜିତେନ୍ଦ୍ର କୁମାର ଦାସ, ତାରେଣୀ ପ୍ରସାଦ ମାଝି, ନୀଳାଦ୍ରି ରଞ୍ଜନ ମହାନ୍ତି, ସଦାନନ୍ଦ ସଚ୍ଚିଦାନନ୍ଦ ମାଦେଳି, ଆଇନ ଉପଦେଷ୍ଟା ଭାବେ ମଳୟ ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିଲା। ଉକ୍ତ ସଭାରେ ମଳୟ ପଟ୍ଟନାୟକ, ଟଙ୍କଧର ବେହେରା, ମୋହନ କୁମାର ନାଏକ, ରଶ୍ମି ପ୍ରକାଶ ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, ସତ୍ୟ ରଞ୍ଜନ କର, ଦୀପକ ଦଳେଇ, ଅମିତ ରଞ୍ଜନ ଶତପଥୀ, ପ୍ରମୋଦ ସିଂହ, ଜିତେନ୍ଦ୍ର ଦାସ, ତାରେଣୀ ମାଝି, ସୂର୍ଯ୍ୟକାନ୍ତ ମହାପାତ୍ର, ପ୍ରିୟବ୍ରତ ପ୍ରଧାନ ଓ ସଦାନନ୍ଦ ସଚ୍ଚିଦାନନ୍ଦ ମାଦେଳି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।



ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସାଧାରଣ ସଭାରେ ଉପସ୍ଥିତ ନୂତନ କର୍ମକର୍ତ୍ତା।

## ମଣ୍ଡାପାଳ ଗ୍ରାମରେ ନନ୍ଦ ଉତ୍ସବ

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ମଣ୍ଡାପାଳ ଗ୍ରାମରେ ଗୁରୁବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଗ୍ରାମବାସୀଙ୍କ ସହିତ ପିଲାମାନେ ବଳରାମ, କୃଷ୍ଣ, ରାଧା, ଗୋପାଳ ଆଦି ବେଶରେ ସଜ୍ଜିତ ହୋଇ ଭାଗବତ ହଲ୍‌ଠାରେ ହୋମଯଜ୍ଞ ଆନନ୍ଦ ଉଲ୍ଲାସର ପାଳନ କରିଥିଲେ। ଗ୍ରାମରେ ସଂକୀର୍ତ୍ତନ ଓ ମିଳିତ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ବଂଶୀଧର ବରାଳ, ଗୋବିନ୍ଦଚନ୍ଦ୍ର ପରିଡା, ସନାତନ ବରାଳ ଓ ବୁଲୁ ବରାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।


ମଣ୍ଡାପାଳ ଗ୍ରାମରେ ନନ୍ଦ ଉତ୍ସବ ପାଳନ କରାଯାଉଛି।

## ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ ପୂର୍ବତନ ନଗରପାଳ

### ଅତିଷ୍ଠ କରୁଛି ଅସମ୍ପୂର୍ଣ୍ଣ ଜାତୀୟ ରାଜପଥ

ଢେଙ୍କାନାଳ,୭।୯(ରତନ ନାୟାର)

କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥକୁ କଟକ, ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲାର ଜୀବନରେଖା ବୋଲି କୁହାଯାଏ। କିନ୍ତୁ ଦୁଃଖର କଥା, ଦୀର୍ଘ ୫ ବର୍ଷ ହେବ ଏହି ରାଜପଥର ଚାରିଲେନ୍ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଫଳରେ ଏହି ରାଜପଥରେ ଦୁର୍ଘଟଣା ସହିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବହୁବାର ଆନ୍ଦୋଳନ କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ପ୍ରଦାନ ନ କରିବା ଦୁର୍ଭାଗ୍ୟର ବିଷୟ ବୋଲି


Surendra Kumar Mishra
ADVOCATE
ସୁରେନ୍ଦ୍ର କୁମାର ମିଶ୍ର
Place Dhenkanal
Date 05-09-2023

Respected Prime Minister,

I would like to bring your kind attention that the Widening of N.H-55 to 4 Lane from Cuttack to Sambalpur is being carried out by N.H.A.I since 2017. It is a matter of great concern that even after more than 5 years the said project has not yet completed. The condition of the road is so worst and horrible that it is not possible to move safely.

The above said N.H. 55, which passes through Dhenkanal and Angul district serves as lifeline to millions of people of the Eastern and Western Odisha. Slow, haphazard, poor construction activities and miserable plight of the road causes frequent accidents leading to loss of human lives. There is public agitation and discontentment among people for inordinate delay in completion of the road work but the N.H.A.I. authorities are remain callous.

Hence, I seek the intervention of our dynamic Prime Minister for early completion of the road (N.H. 55) for hassle free movement of people.

Awaiting reply.
With regards.

Yours sincerely
(Surendra Kumar Misra)

ପୌରସଂସ୍ଥାର ପୂର୍ବତନ ନଗରପାଳ ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଚିଠି।

ଢେଙ୍କାନାଳ ପୌରସଂସ୍ଥାର ପୂର୍ବତନ ନଗରପାଳ ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ମିଶ୍ର ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ମିଶ୍ର ଉଲ୍ଲେଖ କରିଛନ୍ତି, ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ସତ୍ତ୍ୱେ ୫୫ନଂ ଜାତୀୟ ରାଜପଥ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁନାହାନ୍ତି। ତେଣୁ ଏଥିରେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ପୂର୍ବତନ ନଗରପାଳ ନିବେଦନ କରିଛନ୍ତି। ନିମ୍ନମାନର କାମ ଯୋଗୁ ନିର୍ମାଣ ସରିଥିବା ରାଜପଥର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇପଡ଼ିଛି। ରାଜପଥର ବିଭିନ୍ନ ଜାଗାରେ ନିର୍ମାଣ ହେବାକୁ ଥିବା ଓଭରବ୍ରିଜ୍, ହାତୀ ଚଲାପଥ, ବ୍ରିଜ୍ ଏସବୁ ଆରମ୍ଭ ହୋଇପାରି ନାହିଁ। ଫଳରେ କେତେକ ସ୍ଥାନରେ ଅର୍ଦ୍ଧନିର୍ମିତ ହୋଇ ପଡିଥିବା ବ୍ରିଜ୍ ଗୁଡିକ ଦବିବାରେ ଲାଗିଲାଣି। ତେଣୁ ଏହାର ସ୍ଥାୟିତ୍ୱ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଶାସନ ଉପସ୍ଥିତିରେ ବିଭିନ୍ନ ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆସନ୍ତା ଡିସେମ୍ବର ସୁଦ୍ଧା ରାଜପଥ ନିର୍ମାଣ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ବର୍ତ୍ତମାନ ତାହା ପୁଣି ୨୦୨୪ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ସମୟସୀମା ଘୁଞ୍ଚିବାରେ ଲାଗିଲାଣି। ତେଣୁ ଏହି ରାଜପଥ ୪ଲେନ କାମ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରଧାନମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ପ୍ରଦାନ କରି ତୁରନ୍ତ ପଦକ୍ଷେପ ନେବାକୁ ପୂର୍ବତନ ନଗରପାଳ ମିଶ୍ର ପତ୍ର ମାଧ୍ୟମରେ ଜଣାଇଛନ୍ତି ।

## ଗାଡ଼ିଚାଳକଙ୍କ ମୃତଦେହ ଜବତ

ଢେଙ୍କାନାଳ,୭।୯ (ରତନ ନାୟାର)

ଢେଙ୍କାନାଳ ସହର ସିମିଳିଆ ଅଞ୍ଚଳର ଗାଡ଼ି ଚାଳକ ଲଳିତ କୁମାର ଷଣ୍ଢ(୪୨)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଟାଉନ ଥାନା ପୋଲିସ ଜବତ କରିଛି। ବୁଧବାର ରାତିରେ ସେ ଘରେ ଶୋଇଥିଲେ। ହେଲେ ଗୁରୁବାର ସକାଳେ ଘର ପଛପାଖ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଘଟଣାର ତଦନ୍ତ ଜାରି ରଖିଛି।

## ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ଢେଙ୍କାନାଳ,୭।୯(ରତନ ନାୟାର)

ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜ୍ୟ ସଂଘ ଓଡ଼ିଶାଙ୍କ ଆହ୍ୱାନ କ୍ରମେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଏକମାସ ସ୍ଥଗିତ ରଖାଯାଇଛି ବୋଲି ସଂଘର ଢେଙ୍କାନାଳ ଜିଲା ସଭାପତି ସୁବ୍ରତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ୧୮ରୁ ୨୧ ଦିନ ହେଲା ୨ଦଫା ଦାବି ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବାରମ୍ବାର ସଂଘକୁ ଡକାଯାଇ ଦାବିପୂରଣ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ ମଧ୍ୟ ସଂଘ ଏହି କଥାକୁ ବିଶ୍ୱାସକୁ ନେଇ ନ ଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ଦ୍ୱାରା ଗତ ୫ ତାରିଖ ତ୍ରିସ୍ତରୀୟ ବୈଠକ ଡକାଯାଇ ସଂଘର ନେତୃମଣ୍ଡଳୀଙ୍କ ସହିତ ଆଲୋଚନା କରି ଏକମାସ ମଧ୍ୟରେ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାଜ୍ୟର ୩୦ ଗୋଟି ଜିଲାର ପିଇଓ ସରକାରଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଆସନ୍ତା ୮ ତାରିଖ ଠାରୁ କାର୍ଯ୍ୟରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଥିବା ଢେଙ୍କାନାଳ ଜିଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସଭାପତି ସୁବ୍ରତ କୁମାର ମଲ୍ଲିକ ସୂଚନା ପ୍ରଦାନ କରିଛନ୍ତି ।


ଆନ୍ଦୋଳନରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ।

## ସାନ ଭାଇଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୭।୯(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସତ୍ୟବାଦୀପୁର ଗ୍ରାମର ଚତୁରା ନାୟକଙ୍କୁ ତାଙ୍କ ବଡ଼ ଭାଇ ନବକିଶୋର ନାୟକ ଏକ ଠେଙ୍ଗାରେ ମାଡ଼ ମାରିଥିବା ଗୁରୁବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧୦/୨୩ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ସାମାନ୍ୟ କଥାକୁ ନେଇ ନବ ତାଙ୍କୁ ଠେଙ୍ଗାରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## 'ପରିଶ୍ରମ କଲେ ସଫଳତାର ସ୍ୱାଦ ଚାଖିବ'

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସରରେ ଗୁରୁବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କୁ କଲେଜ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ ନିମନ୍ତେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ବର୍ଷରେ ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା ପରିଷଦ ଅଧ୍ୟକ୍ଷ ବିନୋଦ ଦାସ କହିଲେ ଯେ, ଏକାଗ୍ରତା ଓ ନିଷ୍ଠାର ସହ ୪ ବର୍ଷ କଠିନ ପରିଶ୍ରମ କଲେ ଆଗାମୀ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ସଫଳତାର ସ୍ୱାଦ ଚାଖିବ ପ୍ରିନ୍ସିପାଲ ଇତିଶ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାୟକ ଯୋଗଦେଇ ନିଜକୁ ଜଣେ ସଫଳ ଇଞ୍ଜିନିୟର ଭାବେ ପ୍ରତିଟି କ୍ଷେତ୍ରରେ ପ୍ରତିପାଦନ କରିପାରିଲେ ଏହାହିଁ ଯୋଗ୍ୟତାର ମାପକାଠି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପ୍ଲୋମା ବିଭାଗ ପ୍ରିନ୍ସିପାଲ ତଥା ଡିନ୍ ଷ୍ଟୁଡେଣ୍ଟ ସରୋଜ କୁମାର ନାୟକ, ଭାଇସ ପ୍ରିନ୍ସିପାଲ ଏସ୍‌ଏସ୍ ପତି, ବିଭିନ୍ନ ବିଭାଗର ମୁଖ୍ୟ, ପ୍ରାଧାପିକା ଜେନିଫର ମମିନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଧିକାରୀ ଓ କର୍ମଚାରୀ ଯୋଗଦାନ କରିଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର ଏବଂ ଅଭିଭାବକ।

## ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ

ଢେଙ୍କାନାଳ,୭।୯(ରତନ ନାୟାର)

ଢେଙ୍କାନାଳ ଇସ୍କନ ଶାଖା ପକ୍ଷରୁ ସହରସ୍ଥିତ ଗୋପୀନାଥ ଗାର୍ଡେନଠାରେ ୩ଦିନ ବ୍ୟାପୀ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହେଉଛି। ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକ, ତହସିଲଦାର ସୁଧାଂଶୁ କୁମାର ସାଓ, ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ଢେଙ୍କାନାଳ ଇସ୍କନ ଶାଖା ମୁଖ୍ୟ ପ୍ରେମ କିଶୋର ପ୍ରଭୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସଙ୍ଗୀତ, କୌତୁକ ପୋଷାକ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ରାତି ୯ଟା ରୁ ୧୧ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ରାତି ସାଢେ ୧୨ଟା ମଧ୍ୟରେ ମହା ଅଭିଷେକ, ଆରତୀ ଓ ପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ନନ୍ଦ ଉତ୍ସବ ଓ ପ୍ରଭୁପାଦଙ୍କ ବ୍ୟାସପୂଜା ସହ ପୁରସ୍କାର ବିତରଣ କରାଯିବ। ମଧ୍ୟାହ୍ନ ସାଢେ ୧୨ଟାରେ ମହାପ୍ରସାଦ ସେବନ ଅନୁଷ୍ଠିତ ହେବ।


ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା।

## ଅମୃତ କଳସ ରଥଯାତ୍ରା

କାମାକ୍ଷାନଗର,୭।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଭାଜପା ବିରାଶାଳ ମଣ୍ଡଳ, ବାଟ ଗାଁ ପଞ୍ଚାୟତରେ ଗୁରୁବାର ଅମୃତ କଳସ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ରଥ ଗାଁ ପରିକ୍ରମା କରି ବୀର ମାଟି ସଂଗ୍ରହ କରିଥିଲା। ବ୍ରାହ୍ମଣିଆ, ତଣ୍ଡିମୁଣ୍ଡା, ବାଟଗାଁ, ଶାହାଲା, ଗୋଡିସାହି, ତାରିଣୀ ପଶି, କଇରା ଟାଙ୍ଗର ଗ୍ରାମର ଜନସାଧାରଣ ଅମୃତ କଳସରେ ମାଟି ଦେଇଥିଲେ। ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଭାଜପା ନେତା ବିଭୂତି ପ୍ରଧାନଙ୍କ ଅନୁମୋଦନକ୍ରମେ ଜିଲା ଉପସଭାପତି ମାତୃପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିରାଶାଳ ମଣ୍ଡଳ ସଭାପତି ସନାତନ ସାହୁ, ବାଟ ଗାଁ ପଞ୍ଚାୟତର ଯୁବମୋର୍ଚ୍ଚା ସଭାପତି ନରହରି ପରିଡ଼ା, ଭାଗୀରଥି ବରାଳ, ଶିଶିର ବରାଳ, ଅଭିମନ୍ୟୁ ସିଂ, ଜଗନ୍ନାଥ ସିଂ, ଅଭିରାମ ବରାଳ, ବୈଷ୍ଣବ ସେଠୀ, ଅଖିଳ ନାୟକ ଯୋଗ ଦେଇଥିଲେ।

## ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

### ହାତୀ ତଥା ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଛନ୍ତି କ୍ଷତିଗ୍ରସ୍ତ

ଢେଙ୍କାନାଳ,୭।୯(ରତନ ନାୟାର)

ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ସଂଘ ଢେଙ୍କାନାଳ ତରଫରୁ ଗୁରୁବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ଓଡ଼ାପଡ଼ା ବ୍ଲକର ଗୁଣଦେଇ, ସଦାଶିବପୁର, ଓଡ଼ାପଡ଼ା, ବଳରାମପୁର ପଞ୍ଚାୟତର କାଉଁରିଆପାଳ, ରସାସିଂ, ବଉଳପୁର, ଗୁଣଦେଇ, ପୋଡ଼ାପଡା, ବଳରାମପୁର, ନୟାଭାଗୀରଥିପୁର, କୋଟଗରା, କେଶରୀଅ ଆଦି ପଞ୍ଚାୟତର ଶତାଧିକ ଚାଷୀ ଏହି ବିକ୍ଷୋଭ କରିଥିଲେ। ସର୍ବଜ୍ଞ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସରୋଜ କୁମାର ଶତପଥୀ ଏହାକୁ ପରିଚାଳନା କରିଥିବା ବେଳେ ବିକ୍ଷୋଭକାରୀଙ୍କ ତରଫରୁ ୪ଦଫା ଦାବି କରାଯାଇଥିଲା। ବନ୍ୟଜନ୍ତୁଙ୍କ ଦ୍ୱାରା ଫସଲ ନଷ୍ଟ ଯେପରି ନ ହେବ ସେ ଦିଗରେ ଜରୁରୀ ଓ ଆବଶ୍ୟକ ପଦକ୍ଷେପ ଦିଆଯିବା, ନଷ୍ଟ ହେଉଥିବା ଫସଲ ପାଇଁ ସରକାରୀ କ୍ଷତିପୂରଣ ପରିମାଣ ବୃଦ୍ଧି ସହିତ ସରକାରୀ ଭାବେ ସ୍ୱୀକୃତିପ୍ରାପ୍ତ ଉତ୍ପାଦନ ଓ ସରକାରୀ ଦରକୁ ଭିତ୍ତିକରି କ୍ଷତିପୂରଣ ରାଶି ପ୍ରଦାନ, ବନ୍ୟଜନ୍ତୁଙ୍କ ଭୟରେ ଚାଷ ନ ହୋଇ ପଡିରହିଥିବା ଜମିଗୁଡ଼ିକୁ ପୁନର୍ବାର ଚାଷଯୋଗ୍ୟ ଅବସ୍ଥାକୁ ଆଣିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ବ୍ୟବସ୍ଥା କରାଯିବା, ବିଦ୍ୟୁତ୍ ବିଭାଗ ପକ୍ଷରୁ କମ ଉଚ୍ଚରେ ବିଦ୍ୟୁତ୍ ତାର ଥିବାରୁ ହାତୀମାନେ ଅସୁରକ୍ଷିତ ହେବା ସମସ୍ୟାର ସ୍ଥାୟୀ ପ୍ରତିକାର ନ ହେବା ପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଆଦି ଦାବି କରାଯାଇଛି। ସଂଘ ଆବାହକ ଅଶୋକ ପୃଷ୍ଟିଙ୍କ ନେତୃତ୍ୱରେ ବରିଷ୍ଠ ଚାଷୀ ନେତା ସର୍ବଜ୍ଞ ସାହୁ, ସିପିଆଇ(ଏମ୍) ନେତା ବଦ୍ରିନାରାୟଣ ଦାଶ, କଂଗ୍ରେସ ନେତା ପ୍ରେମଶଙ୍କର ମିଶ୍ର, ସମତାକ୍ରାନ୍ତିର ଯୁବନେତା ସରୋଜ ଶତପଥୀ, ସିପିଆଇର ଶିବରାମ ସାହୁ, ଶ୍ରମିକ ନେତା ରବି ରଥ, ସଦାଶିବପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ, ବଳରାମପୁରର ସମଲେଶ୍ୱରୀ ମଲ୍ଲିକ, ନୟାଭାଗୀରଥିପୁରର ଯତି ନାୟକ, ଗୁଣୁଦେଇ ସରପଞ୍ଚ ସୁବ୍ରତ କୁମାର ନାୟକ ପ୍ରମୁଖ ତୁରନ୍ତ ଚାଷୀମାନଙ୍କ ଦାବି ପୂରଣ କରିବା ପାଇଁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ସୁବ୍ରତ ନାୟକ, ଦୁତି ନାୟକ, ନବକିଶୋର ମହାନ୍ତି, ତ୍ରିନାଥ ମହାନ୍ତି, ବାମଦେବ ପରିଡ଼ା, ଚଗଲା ଦେହୁରୀ, ଅଜିତ୍ ଦେହୁରୀ, ବୀରେନ୍ କରଣ, ଜୟନ୍ତ ଧଳ, ସନ୍ତୋଷ ବେହେରା, ଖଡିଆ ନାୟକ, ସମଲେଶ୍ୱରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



କ୍ଷତିଗ୍ରସ୍ତ ଚାଷୀ ସଂଘ ଢେଙ୍କାନାଳ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

